# ପବିତ୍ର ନେକ୍ସସ୍
# ଭାରତର ଟୀର୍ଥ ତଥା
# ପର୍ଯ୍ୟଟନ ସ୍ଥଳୀମାନଙ୍କରେ
# ପିଲାମାନଙ୍କୁ ଯୌନ ଶୋଷଣ:

## ଆନ୍ଧ୍ରପ୍ରଦେଶ, କେରଳ ଏବଂ ଓଡିଶା:
## ୨୦୦୯

ସଦ୍ୟ ଗବେଷଣାରୁ ଜଣାଯାଇଛି  ଯେ ଭାରତର ତୀର୍ଥ ତଥା ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ପିଲାମାନଙ୍କର ଯୌନ ନିର୍ଯ୍ୟାତନା ବଢିବାରେ ଲାଗିଛି |

**ଭାରତୀୟ ପର୍ଯ୍ୟଟନ କ୍ଷେତ୍ରରେ ପିଲାମାନଙ୍କୁ ଯୌନ ଶୋଷଣ କରାଯାଉଥିବା ସ୍ଥାନ :-**

ପର୍ଯ୍ୟଟନ ହେଉଛି ବିଶ୍ୱର ସର୍ବାଧିକ ଅଭିବୃଦ୍ଧି ଘଟୁଥିବା ଶିଳ୍ପ ଏବଂ ଏହା ପ୍ରଗତିଶୀଳ ଦେଶମାନଙ୍କର ଅର୍ଥନୀତିର ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି | ପୃଥିବୀର ଅନ୍ୟ ଅଞ୍ଚଳ ପରି ଭାରତରେ ମଧ୍ୟ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଏ, ଯାହାକି  ସ୍ଥାନୀୟ ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ କରେ | ଭାରତରେ ଯେ କେବଳ ଦେଶ ମଧ୍ୟରୁ ଲୋକମାନେ ପର୍ଯ୍ୟଟନ ସ୍ଥଳୀକୁ ଯାଆନ୍ତି, ତାହାନୁହେଁ, ବାହାରେ ଥିବା ବଂଶୋଦ୍ଭବ ଏବଂ ବିଦେଶୀ ପର୍ଯ୍ୟଟକ ଆମ ଦେଶ କୁ ମଧ୍ୟ ଆସିଥାନ୍ତି |

ପର୍ଯ୍ୟଟକମାନଙ୍କ ଦ୍ୱାରା ପିଲାମାନଙ୍କୁ ଦିଆଯାଉଥିବା ଯୌନ ନିର୍ଯ୍ୟାତନା ସମ୍ୱନ୍ଧରେ ଲୋକମାନେ ସଚେତନ ହେଉଅଛନ୍ତି |  ପୁରୁଷମାନେ ମୁଖ୍ୟତଃ ଏହି ଘଟଣାରେ ସଂପୃକ୍ତ ଥାଆନ୍ତି | ଏହା ଅନୁମାନ କରାଯାଏ ଯେ ସାଧାରଣତଃ ମହିଳା ଏବଂ ଝିଅ ପିଲାମାନେ ସେମାନଙ୍କର ଶିକାର ହୋଇଥାନ୍ତି | ବାସ୍ତବରେ ମୁଖ୍ୟତଃ ପୁଅ ପିଲାମାନେ ଶିକାର ହୁଅନ୍ତି | ଭାରତୀୟ ସମାଜରେ ସମଲିଙ୍ଗୀ ଯୌନ ସମ୍ପର୍କ ଏବଂ ଏଭଳି ଘଟଣାକୁ ଅପରାଧ ବୋଲି ବିବେଚନା କରାଯାଏ, ଯାହାକି ଏଭଳି ଘଟଣାକୁ ଲୋକ ଲୋଚନାକୁ ଆଣିପାରେ ନାହିଁ |

୨୦୦୮ ମସିହାରେ ଭାରତର କେତେକ ନିର୍ଦ୍ଧିଷ୍ଟ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ଏକ ଗବେଷଣାତ୍ମକ ସର୍ଭେ କରାଯାଇଥିଲା ଯାହାର ଉଦ୍ଦେଶ୍ୟ ଏଭଳି ଘଟଣା ଘଟିବାର କାରଣ ଏବଂ ଏହା ବୃଦ୍ଧି ପାଇବାର କାରଣ ସମ୍ୱନ୍ଧରେ ତଥ୍ୟ ସଂଗ୍ରହ କରିବା । ଏହା ମୁଖ୍ୟତଃ ତିନୋଟି ସ୍ଥାନରେ କରାଯାଇଥିଲା | ଯେଉଁଗୁଡିକ ହେଉଛି ପୁରୀ (ଓଡିଶା), ତିରୁପତି (ଆନ୍ଧ୍ରପ୍ରଦେଶ) ଓ ଗୁରୁବାୟୁର (କେରଳ) | ଏହି ସର୍ଭେ ମଧ୍ୟ ପୁରୁଷ ବେଶ୍ୟାବୃତ୍ତିର ମୁଖ୍ୟ ପୁରୋଧାମାନଙ୍କ ସମ୍ପର୍କରେ ଜଣାଇ ଦେଇଥିଲା | ଏହି ସର୍ଭେ ନିମନ୍ତେ କରାଯାଇଥିବା ଘଟଣା ମଧ୍ୟରେ ରହିଥିଲା ସାକ୍ଷାତକାର ଓ ଦଳୀୟ ଆଲୋଚନା ଯାହାକି ସେହି ପିଲା, ସରକାରୀ ଅଧିକାରୀ, ଶିକ୍ଷକ ଓ ଏନ୍‌ଜିଓମାନଙ୍କ ମଧ୍ୟରେ କରାଯାଇଥିଲା | ଏହି କାର୍ଯ୍ୟରେ ବ୍ୟବହୃତ ତଥ୍ୟ ମଧ୍ୟରେ ରହିଛି ଏଭଳି ଘଟଣାର କାରଣ, ସ୍ଥାନ ତଥା ପିଲାମାନଙ୍କର ନିଜ ତଥ୍ୟ | ଏହି ଘଟଣା ଦ୍ୱାରା ପିଲାମାନଙ୍କ ଶାରୀରିକ, ମାନସିକ ଓ ଆର୍ଥିକ ଅବସ୍ଥା ସମ୍ପର୍କରେ ମଧ୍ୟ ତଥ୍ୟ ଉପସ୍ଥାପନା କରାଯାଇଥିଲା |

**ତିରୁପତି (ଆନ୍ଧ୍ରପ୍ରଦେଶ) ର ଘଟଣା :-**

ଆନ୍ଧ୍ରପ୍ରଦେଶର ତିରୁପତି, ଯାହାକି ତିରୁମାଳା ପର୍ବତ ଉପରେ ପ୍ରତିଷ୍ଠିତ ପ୍ରଭୁ ଭେଙ୍କଟେଶ୍ୱରଙ୍କ ପାଇଁ ପ୍ରସିଦ୍ଧ | ଏହା ପୃଥିବୀର ଏକ ପ୍ରମୁଖ ଧାର୍ମିକ ସ୍ଥାନ | ୨୦୦୭ ମସିହା ତଥ୍ୟ ଅନୁସାରେ ଏଠାକୁ ପ୍ରାୟତଃ ୨ କୋଟି ଦେଶୀୟ ପର୍ଯ୍ୟଟକ ଆସିଥିଲେ ଏବଂ ଅଳ୍ପ କିଛି ବିଦେଶୀ ପର୍ଯ୍ୟଟକ ଆସିଥିଲେ | ଏହି ସର୍ଭେ ନିମନ୍ତେ ଏଠାରେ ୯ ଜଣ ପୁଅ ପିଲାଙ୍କ ସାକ୍ଷାତକାର ନେଇଥିଲୁ, ଯାହାଙ୍କର ବୟସ ୮ ରୁ ୧୮ ବର୍ଷ ମଧ୍ୟରେ ଥିଲା |

ସେମାନେ କିଛି ଦେଶୀୟ ପର୍ଯ୍ୟଟକଙ୍କ ବିଷୟରେ କହିଥିଲେ ଯେଉଁମାନେ କି ତାଙ୍କୁ ନିୟମିତ ଭାବେ ଯୌନକାର୍ଯ୍ୟ ପାଇଁ ଭେଟୁଥିଲେ ଓ ସେମାନଙ୍କ ମଧ୍ୟରୁ କିଛି ଥିଲେ ଯେଉଁମାନେ କି ପୂର୍ବ ପିଲାକୁ ହିଁ ପସନ୍ଦ କରିଥାନ୍ତି | ଏହି କାର୍ଯ୍ୟ ପାଇଁ ସେମାନେ ସ୍ଥାନ ଓ ସମୟ ପାଇଁ ପିଲାମାନଙ୍କୁ ଫୋନ୍ କିମ୍ବା ଇମେଲ୍ (ଇଣ୍ଟରନେଟ କାଫେ) ମାଧ୍ୟମରେ ଯୋଗାଯୋଗ କରନ୍ତି | ଏଠାରେ କୌଣସି ଦଲାଲ କାର୍ଯ୍ୟ କରନ୍ତି ନାହିଁ | ଏଠାରେ ମୁଖ୍ୟତଃ ୬ ରୁ ୧୦ ବର୍ଷର ପିଲାମାନେ ଶୋଷଣର ଶିକାର ହୁଅନ୍ତି | ୧୫ ବର୍ଷ ବେଳକୁ ଏମାନେ ପର୍ଯ୍ୟଟକ ତଥା ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ୟାବୃତ୍ତି ଗ୍ରହଣ କରିସାରିଥାନ୍ତି | ଯୌନ ଶୋଷଣ ସାଧାରଣତଃ ହୋଟେଲ, ଲଜ୍, ପାର୍କ, ଖେଳ-ପଡିଆ, ଷ୍ଟେସନ, ସିନେମା ହଲ ମାନଙ୍କରେ କରାଯାଇଥାଏ | ସ୍ଥାନୀୟ ଲୋକମାନେ ମୁଖ୍ୟତଃ ଛୋଟ ଲଜ୍ ଓ ବାର୍ମାନଙ୍କ ରୁମ୍‌ରେ ଏହା କରିଥାନ୍ତି | ଏପରି କରି ଏହି ପିଲାମାନେ ଦିନକୁ ପ୍ରାୟତଃ ୫୦୦ ଟଙ୍କାରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରିଥାଆନ୍ତି | ଏମାନଙ୍କ ମଧ୍ୟରୁ କିଛି ମଧ୍ୟ ହୋଟେଲମାନଙ୍କରେ କାମ କରନ୍ତି | ମାତ୍ର ଏମାନେ ଉପରସ୍ଥ କର୍ମଚାରୀଙ୍କ ଦ୍ୱାରା ନିର୍ଯ୍ୟାତିତ ହୁଅନ୍ତି | ଏହି ପିଲାମାନେ ସାଧାରଣତଃ ପରିବାର ପ୍ରତିପୋଷଣ ପାଇଁ ଏହି ପନ୍ଥା ଗ୍ରହଣ କରିଥାଆନ୍ତି | ପରିବାରର ଲୋକ ମଧ୍ୟ ଏଥିରେ କମ୍ ବିପଦ ଦେଖନ୍ତି ଯେହେତୁ ଏମାନେ ପୁଅ ଏବଂ ଏମାନଙ୍କ ଗର୍ଭଧାରଣ ହେବାର ସମ୍ଭାବନ ନ ଥାଏ |

**ପୁରୀ (ଓଡିଶା) ର ଘଟଣା :-**

ଦ୍ୱାଦଶ ଶତାବ୍ଦୀର ଜଗନ୍ନାଥଙ୍କ ମନ୍ଦିର ରହିଛି ପୁରୀରେ | ୨୦୦୭ ତଥ୍ୟ ଅନୁସାରେ ପ୍ରାୟତଃ ୬୦ ଲକ୍ଷ ଦେଶୀୟ ଓ ୪୨୦୦୦ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସିଥିଲେ | ଆନ୍ଧ୍ରରୁ ଆସି ପୁରୀର ପେନ୍ଥକଟାରେ ରହିଥିବା ଶତାଧିକ ନୋଳିଆମାନଙ୍କ ଉପରେ ସେର୍ଭେ କରାଯାଇଥିଲା | ଏମାନେ ମୁଖ୍ୟତଃ ମାଛ ଧରିଥାନ୍ତି ଓ ଏମାନଙ୍କ ପିଲାମାନେ ୬ ବର୍ଷ ପର୍ଯ୍ୟନ୍ତ ସ୍କୁଲ ଯାଉନଥାଆନ୍ତି | ଆମେ ୧୩ ଜଣ ପିଲାଙ୍କ ସାକ୍ଷାତକାର ନେଇଥିଲୁ, ଯେଉଁମାନଙ୍କ ମଧ୍ୟରୁ ୮ ଜଣ ପେନ୍ଥକଟା ଓ ୫ ଜଣ ସମୁଦ୍ରକୂଳ ଅଞ୍ଚଳର ବାସିନ୍ଧା ଥିଲେ | ଏମାନଙ୍କ ବୟସ ୬ ରୁ ୧୮ ବର୍ଷ ମଧ୍ୟରେ ଥିଲା ଓ ଏମାନେ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିଲେ |

ସେମାନେ ଦେଶୀୟଙ୍କ ଅପେକ୍ଷା ବିଦେଶୀ ପର୍ଯ୍ୟଟକଙ୍କ ସହ ଅଧିକ ସମ୍ପର୍କ ରଖିଥାଆନ୍ତି | ବିଦେଶୀମାନେ ସେମାନଙ୍କୁ ଚକୋଲେଟ୍, ଖେଳନା, ସାଇକେଲ, ସୁନ୍ଦର ପୋଷାକ ଓ ଖାଦ୍ୟ ଏବଂ ଅର୍ଥ ସହାୟତା କରିଥାଆନ୍ତି | ଯୌନ ଶୋଷଣ ମୁଖ୍ୟତଃ ରେଳଷ୍ଟେସନ, ହୋଟେଲ, ଢାବା, ଲଜ୍, ସମୁଦ୍ରକୂଳ,

ମସାଜ୍ ପାର୍ଲର ଓ ବଶ୍ୟୋଘରମାନଙ୍କରେ କରାଯାଏ | ବିଦଶେୀମାନେ ବଡ ହୋଟେଲରେ ଓ ଦଶେୀୟମାନେ ଛୋଟ ଲଜ୍ ଓ ବାର୍‌ମାନଙ୍କରେ କରିଥାଆନ୍ତି | ପୁରୀରେ ବହୁ ମସାଜ୍ ପାର୍ଲର ଗଢିଉଠିଛି, ଯାହାକି ଉଭୟ ପିଲା ଓ ବୟସ୍କମାନଙ୍କୁ ବଶ୍ୟୋବୃତ୍ତିରେ ବ୍ୟବହାର କରିଥାଏ | କେତେକେ ବିଦଶେୀ ବସ୍ତି ନିକଟ ହୋଟେଲରେ ରହନ୍ତି ଓ ବସ୍ତିକୁ ଯାଇ ପିଲାମାନଙ୍କୁ ଆଣିଥାନ୍ତି | ଏଠାରେ ସମୋନଙ୍କୁ ନିର୍ଯ୍ୟାତନା ଦିଆଯାଏ | ଭୟରେ ବହୁତ ପିଲା କିଛି ଜଣାନ୍ତି ନାହିଁ | ସମୋନେ ଭାବନ୍ତି ଯେ ସମୋନେ ମନା କଲେ ଏକ ବୃହତ୍ ସୁଯୋଗ ହାତଛଡା କରିପାରନ୍ତି | ପିଲାମାନେ କହିଥିଲେ ଯେ ଯୌନକ୍ରିୟା ବଦଳରେ ସମୋନେ ଖାଦ୍ୟ, ପୋଷାକ, ଖେଳନା ଓ ଟଙ୍କା ପାଇଥାଆନ୍ତି, ଯାହାକି ସମୋନଙ୍କର ଆବଶ୍ୟକତା ଦୂର କରେ | ବହୁ ପିଲାମାନେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସହ ମିଶନ୍ତି ଯେଉଁମାନଙ୍କ ଠାରୁ ସମୋନେ ୫୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି |

**ଗୁରୁବାୟୁର (କେରଳ) ର ଘଟଣା :**

ଗୁରୁବାୟୁର ହେଉଛି ଏକ ପ୍ରସିଦ୍ଧ ଶ୍ରୀ କୃଷ୍ନଙ୍କ ମନ୍ଦିର ସ୍ଥଳୀ | ୨୦୦୬ ତଥ୍ୟ ଅନୁସାରେ ଏଠାକୁ ୧୦ ଲକ୍ଷ ଦଶେୀୟ ଓ ୧୫୦୦ ବିଦଶେୀ ପର୍ଯ୍ୟଟକ ଆସିଥିଲେ |

ଗୁରୁବାୟୁରରେ ପିଲାମାନଙ୍କ ଯୌନ ନିର୍ଯ୍ୟାତନା କମ୍ ଦେଖାଯାଏ | ପୁରୀ ଏବଂ ତିରୁପତି ପରି ଏଠାରେ ପିଲାମାନେ ବାହାରେ ରହିନଥାନ୍ତି | ଶିଶୁ ଶ୍ରମିକ ବନ୍ଦ କରାଯାଇଥିବାରୁ ଅଧିକାରୀମାନେ ବୁଲିବୁଲି ବାସହୀନ ପିଲାଙ୍କୁ ନେଇ ଯାଇଥାଆନ୍ତି, ଯାହା ଫଳରେ ଏଭଳି ଘଟଣା ଲୁଚି ଯାଇଥାଏ |

ବିଭିନ୍ନ ଅନୁଷ୍ଠାନ, ଅଙ୍ଗନବାଡି କର୍ମଚାରୀମାନଙ୍କ ସହ ଆଲୋଚନାରୁ ଶିଶୁ ଯୌନ ନିର୍ଯ୍ୟାତନା ସମ୍ୱନ୍ଧରେ ଜଣା ଯାଇଥିଲା | ପୂର୍ବ ସମୟରେ ଚବକ୍କାଡ ଓ ପୋନ୍ନାନୀ ଅଞ୍ଚଳରେ ଜଳ ପରିବହନ କରାଯାଉଥିଲା | ଏଥିରେ ପୁରୁଷମାନେ ବହୁ ଦିନ ପାଇଁ ରହିଯାଉଥିଲେ | ବର୍ତ୍ତମାନ ଅବସ୍ଥାରେ ବହୁ ପୁରୁଷମାନେ ଉପସାଗରୀୟ ଅଞ୍ଚଳରେ ରହୁଛନ୍ତି ଓ ନିଜ ପରିବାର ସଦସ୍ୟ ମାନଙ୍କ ଭରଣ ପୋଷଣ କରୁଛନ୍ତି | ସମୋନେ ଫେରିଲେ ପୁଅ ପିଲାଙ୍କୁ ଏଠାରେ ଯୌନ ଶୋଷଣ କରିଥାନ୍ତି | ମହିଳାଙ୍କ ସହ ଆଲୋଚନାରୁ ଜଣା ପଡିଥିଲା ଯେ ଏଠାର ପୁରୁଷମାନେ ମହିଳାଙ୍କ ସହ ବଶେୀ ସମ୍ପର୍କ ରଖିନଥାନ୍ତି | ସମୋନେ ପିଲାମାନଙ୍କୁ ଯୌନ ନିର୍ଯ୍ୟାତନା ଦେଇଥାନ୍ତି | ଯଦିଓ ଏଠାର ଆଇନ୍‌ଜିବିମାନେ ପୁରୁଷ ଯୌନ ନିର୍ଯ୍ୟାତନା ସମ୍ପର୍କରେ ଶୁଣିଛନ୍ତି ମାତ୍ର କିଛି ଲିଖିତ ଅଭିଯୋଗ ପାଇନଥାନ୍ତି | ଆମେ କୌଣସି ବିଦଶେୀଙ୍କ ଦ୍ୱାରା ନିର୍ଯ୍ୟାତନା ସମ୍ପର୍କରେ ଏଠାରେ କିଛି ପ୍ରମାଣ ମିଳିନଥିଲା | ଏହିପରି ଆଲୋଚନାରୁ ଜଣାଯାଇଥିଲା ଯେ ନିର୍ଯ୍ୟାତନା ଦେଉଥିବା ଲୋକମାନେ ମୁଖ୍ୟତଃ କେରଳ ମଧ୍ୟରୁ ଆସିଥାନ୍ତି |

**ଏହା କିପରି ରୋକାଯାଇପାରିବ ?**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାଣିବା ଦରକାର ଯେ ଶିଶୁ ଯୌନ ନିର୍ଯ୍ୟାତନା ଏକ ବାସ୍ତବ ଓ ଗମ୍ଭୀର ସମସ୍ୟା |

ବର୍ତ୍ତମାନ ଯୁଗରେ, ଉପଯୁକ୍ତ ଆଇନ୍ ଅଭାବ ଯୋଗୁଁ ଏହା ଏକ ଗୌଣ ସମସ୍ୟା ଭାବେ ଗ୍ରହଣ କରାଯାଇଛି | ବିଦେଶୀ ଅଭିଯୁକ୍ତମାନଙ୍କ ପାଇଁ ଉପଯୁକ୍ତ ଆଇନ୍ ବଳରେ ଦଣ୍ଡ ବିଧାନ କରିବା ଉଚିତ୍ ଯାହା ଫଳରେ ସମୋନେ ଦେଶେ ଛାଡି ଚାଲିଯାଇ ଖସିଯାଇ ନ ପାରନ୍ତି |

ଜାତୀୟ ଓ ରାଜ୍ୟ ପର୍ୟ୍ୟଟନ ନୀତି ପୂର୍ଣ୍ଣ ମାଧ୍ୟମରେ ଶିଶୁ ଯୌନ ନିର୍ଯ୍ୟାତନା ସମ୍ପର୍କରେ ସଚେତନ ହେବା ଦରକାର ଓ ପର୍ୟ୍ୟଟନ ଓ ପର୍ୟ୍ୟଟନ ସ୍ଥଳୀକୁ ଏ ସାମସ୍ତରୁ ମୁକ୍ତ ରଖିବା ଉଚିତ୍ |

ପର୍ୟ୍ୟଟନ ମନ୍ତ୍ରଣାଳୟ କିମ୍ବା ମିନି(ଏମ.ଓ.ଟି) ଏକ "ଶିଶୁ ଯୌନ ଶୋଷଣ ବିରୋଧି ନୀତି" ଗ୍ରହଣ କରିବା ଉଚିତ୍ ଓ ଏଥିରେ ଶିଳ୍ପ, ଟୁର ଅପରେଟର, ହୋଟେଲେ ଅଧିକାରୀ, ବିଚାର ବିଭାଗ, ପୁଲିସ୍, ଶିଶୁ ଅଧିକାର ଅନୁଷ୍ଠାନମାନଙ୍କୁ ସଂପୃକ୍ତ କରିବା ଦରକାର ଯାହାଫଳରେ ଏମାନେ ଶୋଷଣକୁ ପ୍ରତିରୋଧ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ | କନେ୍ଦ୍ର ଓ ରାଜ୍ୟ ପର୍ୟ୍ୟଟନ ବିଭାଗ ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବା ଦରକାର, ଯେଉଁଥିରେ ଏହି ଭଳି ଘଟଣା ସ୍ଥାନ ପାଇପାରିବ | ଏହି ସଂସ୍ଥା ଏଭଳି ଘଟଣାର ମୂଳୋତ୍ପାଟନ ପାଇଁ ପ୍ରତିଶୃତିବଦ୍ଧ ହେବା ଉଚିତ୍ |

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏକ ନିୟମ ପ୍ରବର୍ତ୍ତନ କରିବା ଉଚିତ୍ ଯାହାକି ଶିଶୁ ଯୌନ ନିର୍ଯ୍ୟାତନାକୁ ଏକ ଗୁରୁତର ଅପରାଧ ବୋଲି ବିବଚେନା କରିବ ଓ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବେ | ଉଭୟ ପୁଅ ଓ ଝିଅ ମାନଙ୍କ ପାଇଁ ନିୟମ ପ୍ରଯୁଯ୍ୟ ହେବା ଉଚିତ୍ |

ପର୍ୟ୍ୟଟନ ଶିଳ୍ପ ମଧ୍ୟ ଜାଣିବା ଉଚିତ୍ ଯେ ଏଭଳି ଘଟଣା ପର୍ୟ୍ୟଟନ ପାଇଁ ଅତି ଲଜ୍ଜ୍ୟାର ବିଷୟ | ଏହାକୁ ମୁଳୋତ୍ପାଟନ ପାଇଁ ସମସ୍ତେ କାର୍ୟ୍ୟ କରିବା ଆବଶ୍ୟକ |

ଏହା ଚିନ୍ତା କରିବାର ସମୟ ଆସିଛି ଯେ ଆମେ ଆଉ କେତେ ଆମର ପିଲାମାନଙ୍କୁ ନଷ୍ଟ କରିବା ?

ଲୋଗୋ
ଇକ୍ୟୁଏସନ୍ସ (ଇକ୍ୟୁଇଟେବେଲ ଟୁରିଜିମ ଅପସନ୍ସ)
#415, 2-ସି କ୍ରସ, 4ମ ମନେ, ଓ.ଏମ.ବି.ଆର ଲଆୋଉଟ
ବନସୱାଡି, ବାଂଗାଲୋର-560 043, ଇଂଡିଆ
ଫୋନ : +91 -80-25457607/25457659
ଫାକ୍ସ : +91-80-25457665
ଇମଲେ : info@equitabletourism.org

ଇ.ସି.ପି.ଏ.ଟି ଇଣ୍ଟରନାସ୍ନଲ
328/1, ଫାୟା ରୋଡ
ବାଂଗକକ୍ 10400, ଥାଇଲାଣ୍ଡ
ଫୋନ : + 66 (0) 2 215 3388
ଫାକ୍ସ : + 66 (0) 2 215 8272
ଇମଲେ : info@ecpat.net

www.equitabletourism.org
http://www.ecpat.net

ସମ୍ପୁର୍ଣ୍ଣ ରିପୋର୍ଟ ପାଇଁ ଦୟାକରି ଇକ୍ୟୁଏସନ୍ସ କିମ୍ବା ଇ.ସି.ପି.ଏ.ଟି ଇଣ୍ଟରନାସ୍ନଲକୁ ସମ୍ପର୍କ କରନ୍ତୁ |
(ସମ୍ପୁର୍ଣ୍ଣ ରିପୋର୍ଟ – ୮୨ ପୃଷ୍ଠା, ମାର୍ଚ ୨୦୦୯ )

ଯଦି ଆପଣ ପର୍ୟ୍ୟଟନର ଶିଶୁମାନଙ୍କ ଉପରେ ପଡିଥିବା ପ୍ରଭାବ ବିଷୟରେ ଯାଣିବାକୁ ଚାହାଁନ୍ତି, ତାହାଲେ ଆପଣ ଆମକୁ info@equitabletourism.org କିମ୍ବା info@ecpat.net. ରେ ଲେଖେନ୍ତୁ |